ଓଡ଼ିଶା ସରକାର

୨୦୧୫-୧୬

# କୃଷି ବଜେଟ



## ପ୍ରଥମ ଭାଗ

ଶ୍ରୀ ପ୍ରଦିପ କୁମାର ଅମାତ
ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ

୧୬ ଫେବୃଆରୀ, ୨୦୧୫

ମାନ୍ୟବର ବାଚସ୍ପତି ମହୋଦୟ !

ଏହି ପବିତ୍ର ଗୃହରେ 2015-16 ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବା ମୋ ପକ୍ଷେ ଅତ୍ୟନ୍ତ ସୌଭାଗ୍ୟର ବିଷୟ ।ବଜେଟ୍ ଦୁଇଭାଗରେ ବିଭକ୍ତ । ପ୍ରଥମ ଭାଗଟି କୃଷି ବଜେଟ୍ ଏବଂ ଦ୍ୱିତୀୟ ଭାଗଟି ସାଧାରଣ ବଜେଟ୍ ପ୍ରସ୍ତାବ ସମ୍ପର୍କରେ ଅଟେ । ପ୍ରଥମେ ମୁଁ କୃଷି ବଜେଟ୍ ଉପସ୍ଥାପନ କରୁଛି ।

## ଭାଗ - I
## କୃଷି ବଜେଟ୍

ଯେଉଁ କେତେଟି ରାଜ୍ୟ ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରୁଛନ୍ତି ତନ୍ମଧ୍ୟରୁ ଓଡିଶା ଅନ୍ୟତମ । 2013-14 ଆର୍ଥିକ ବର୍ଷରେ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ ହେଲା । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟଙ୍କ ପରାମର୍ଶ କ୍ରମେ ସରକାର କୃଷି ଓ ଆନୁସଙ୍ଗିକ କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରି ତୃତୀୟ ବର୍ଷ ପାଇଁ କୃଷି ବଜେଟ୍ ଉପସ୍ଥାପନ କରୁଛନ୍ତି ।

**2.** କୃଷି ଜୀବିକାର ମେରୁଦଣ୍ଡ ଅଟେ । ଜନ ସଂଖ୍ୟାର ପ୍ରାୟ 60 ପ୍ରତିଶତ ଲୋକ ସେମାନଙ୍କର ଜୀବିକା ପାଇଁ କୃଷି ଉପରେ ନିର୍ଭର କରିଥାନ୍ତି । ଏଥି ସହିତ ସାମଗ୍ରୀକ ଘରୋଇ ଉତ୍ପାଦରେ କୃଷି କ୍ଷେତ୍ରର ଅଂଶ ହ୍ରାସ ପାଉଛି । 1950 ଦଶକରେ ଏହା 70 ପ୍ରତିଶତରୁ ଅଧିକ ଥିବାବେଳେ 2014-15 ବର୍ଷର ଅଗ୍ରୀମ ଅଟକଳ ଅନୁସାରେ ଏହା 15.39 ପ୍ରତିଶତକୁ ହ୍ରାସ ପାଇଛି । କୃଷି କ୍ଷେତ୍ର ତୁଳନାରେ ଅଣ କୃଷି

କ୍ଷେତ୍ରରେ ଶ୍ରମ ଶକ୍ତିର କ୍ରମବର୍ଦ୍ଧିଷ୍ଣୁ ନିଯୁକ୍ତି ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଥନୈତିକ ଉନ୍ନତିର ଏକ ନିଶ୍ଚିନ୍ତ ସୂଚନା ଅଟେ ।

3. ଯାହା ହେଉ କୃଷି କ୍ଷେତ୍ରର ଅଭିବୃଦ୍ଧିର ଫଳାଫଳ ଅନ୍ୟକ୍ଷେତ୍ରରେ ସେହି ସ୍ତରର ଅଭିବୃଦ୍ଧି ତୁଳନାରେ ଯଥେଷ୍ଟ ଅଧିକ ଅଟେ । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ଅଧିକ ହେତୁ ଏହି କ୍ଷେତ୍ରରେ ଉନ୍ନତି ସାମଗ୍ରୀକ ଅଭିବୃଦ୍ଧି ପକ୍ରିୟାକୁ ଅଧିକ ବ୍ୟାପକ କରିଥାଏ । କୃଷି କ୍ଷେତ୍ରରେ ଅଭିବୃଦ୍ଧି, ଦାରିଦ୍ର ଦୂରୀକରଣ ଏବଂ ଗ୍ରାମ୍ୟ ରୋଜଗାର ବୃଦ୍ଧି ପାଇଁ ଗୁରୁତ୍ୱ ପୂର୍ଣ୍ଣ ଅଟେ ।

4. କୃଷି କ୍ଷେତ୍ର ମୌସୁମୀ ବାୟୁର ଅନିଶ୍ଚିତତା ଉପରେ ନିର୍ଭରଶୀଳ, ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାରେ ଅସମର୍ଥ । ଏହି କ୍ଷେତ୍ରରେ ଯଥେଷ୍ଟ ଓ ନିର୍ଭରଶୀଳ ଋଣ ସୁବିଧାର ଅଭାବ । କ୍ଷୁଦ୍ର ଚାଷ ଜମି ଯୋଗୁଁ ମଧ୍ୟ ଏହା ପ୍ରଭାବିତ । ସ୍ୱଳ୍ପ ଆୟ ଦୃଷ୍ଟିରୁ କୃଷକମାନେ ଅଭିବୃଦ୍ଧି ପିରାମିଡ୍‌ର ନିମ୍ନ ସ୍ତରରେ ରହିଛନ୍ତି । କୃଷିକୁ ଏକ ପୋଷଣୀୟ ଜୀବିକାଭାବେ ଗ୍ରହଣ କରିବାକୁ ହେଲେ କୃଷି କ୍ଷେତ୍ରରେ ପୁଞ୍ଜି ନିବେଶ ବୃଦ୍ଧିଓ କୃଷି ଜାତ ଦ୍ରବ୍ୟର ଗୁଣାତ୍ମକ ମୂଲ୍ୟ ବୃଦ୍ଧିର ଯଥାର୍ଥତା ଅଛି । ଏତଦ୍‌ବ୍ୟତୀତ କୃଷି ଜାତ ଦ୍ରବ୍ୟର ଉତ୍ପାଦନ ଠାରୁ ଅମଳ ପର୍ଯ୍ୟନ୍ତ ଦକ୍ଷତା ବୃଦ୍ଧିର ଆବଶ୍ୟକତା ଅଛି।ଏହାଦ୍ୱାରା ଶସ୍ୟ ଉତ୍ପାଦନରେ ଚାଷୀ ତାର ଉଚିତ୍ ମୂଲ୍ୟ ପାଇପାରିବ ଏବଂ ସାଧାରଣ ଜନତାଙ୍କର ପୃଷ୍ଟିର ଆବଶ୍ୟକତା ପୂରଣ ହୋଇପାରିବ ।

5. ଏହାକୁ ଆଖିଆଗରେ ରଖି ରାଜ୍ୟ ସରକାର 2013 ମସିହାରେ କୃଷି ନୀତି ପ୍ରଣୟନ କରିଛନ୍ତି । ଏହି ନୀତି ନୂଆପିଢିର କୃଷକଙ୍କୁ

ଉତ୍ସାହିତ କରିବା ସଙ୍ଗେସଙ୍ଗେ କୃଷିକୁ ଏକ ଲାଭଦାୟକ ଜୀବିକାରେ ପରିଣତ କରିବାପାଇଁ ଅଭିପ୍ରେତ । ଆତ୍ମନିର୍ଭରଶୀଳତାର ବିଭିନ୍ନ ଲକ୍ଷ୍ୟ ହାସଲ ପାଇଁ ନିଯୁକ୍ତି ସୃଷ୍ଟି, ନୂଆ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ, ମୂଲ୍ୟ ସୂଚୀରେ ଅନିଶ୍ଚିତତା ହ୍ରାସ ଏବଂ ଚାଷୀର ଆୟବୃଦ୍ଧି ପାଇଁ ଆମେ କୃଷି ଓ ଆନୁସଙ୍ଗୀକ କ୍ଷେତ୍ରରେ ଅର୍ଥ ବିନିଯୋଗ ସହ ଖର୍ଚ୍ଚକୁ ଫଳାଫଳ ସହ ସଂଯୋଗ କରିବା ପାଇଁ ପ୍ରଚେଷ୍ଟା କରିଛୁ । ଏସବୁ ସ୍ୱତନ୍ତ୍ର କୃଷି ବଜେଟ ର ଆଧାର ।

6. ବିଭିନ୍ନ ବାଧାବିଘ୍ନ ଯଥା ବାରମ୍ବାର ପ୍ରାକୃତିକ ବିପତ୍ତି ସହ ମୌସୁମୀର ଅନିଶ୍ଚିତତା ଓ ବୃଷ୍ଟିପାତର ଅନୀୟମୀୟତା ସତ୍ତ୍ୱେ ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇଛି । ବିଗତ ବର୍ଷ ମାନଙ୍କ ତୁଳନାରେ 2012-13 ଆର୍ଥିକ ବର୍ଷରେ ଖାଦ୍ୟ ଶସ୍ୟ ଉତ୍ପାଦନ ଏକ ସର୍ବ କାଳୀନ ରେକର୍ଡ ହାସଲକରି 114 ଲକ୍ଷ୍ୟ ମେଟ୍ରିକ ଟନ୍‌ରେ ପହଞ୍ଚିଥିଲା । 2013-14 ଆର୍ଥିକ ବର୍ଷରେ ତୃତୀୟ ଥର ପାଇଁ ରାଜ୍ୟ ସବୁଠାରୁ ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ ନିମନ୍ତେ କୃଷି କର୍ମଣ ପୁରସ୍କାର ପାଇଛି । ଅଗ୍ରୀମ ଅଟକଳ ଅନୁସାରେ 2014-15 ଆର୍ଥିକ ବର୍ଷରେ ଖାଦ୍ୟ ଶସ୍ୟ ଉତ୍ପାଦନ 120 ଲକ୍ଷ ମେଟ୍ରିକ ଟନ୍‌କୁ ଛୁଇଁବ ବୋଲି ଆଶାକରାଯାଉଛି ।

7. 2012-13 ଆର୍ଥିକ ବର୍ଷରେ କୃଷି ଓ ଆନୁସଙ୍ଗୀକ କ୍ଷେତ୍ରରେ ବ୍ୟୟ ଅଟକଳ **5627.87 କୋଟି ଟଙ୍କା** ଥିବା ବେଳେ 2013-14 ଆର୍ଥିକ ବର୍ଷରେ ଏହା ପ୍ରଥମ ଥରପାଇଁ ଉଲ୍ଲେଖନୀୟ ଭାବେ **7161.84 କୋଟି ଟଙ୍କା**କୁ ବୃଦ୍ଧି ପାଇଥିଲା । ପୁନଶ୍ଚ 2014-15 ରେ ଏହା **9542.22 କୋଟି ଟଙ୍କା**କୁ ବୃଦ୍ଧି ପାଇଥିଲା । ଏହି ବଜେଟ୍‌ରେ ଅଟକଳ **10903.62 କୋଟି ଟଙ୍କା**କୁ ବୃଦ୍ଧି ପାଇବ ବୋଲି ମୁଁ ପ୍ରସ୍ତାବ ରଖୁଛି ।

୮.	ଆମେ ଜଳସେଚନ, ବିହନ, ସାର ଓ କୀଟନାଶକ ଔଷଧର ଅଭାବକୁ ପୂରଣ କରିବା ପାଇଁ ଧ୍ୟାନ ଦେଉଅଛୁ । ଆମେ ମଧ୍ୟ ଅମଳ ପରବର୍ତ୍ତୀ ସମୟରେ ଖାଦ୍ୟ ଶସ୍ୟକୁ ସଂରକ୍ଷଣ କରିବାପାଇଁ ଗୋଦାମଘର ଏବଂ ଚାଷୀ ଯେପରି ତାର ଉତ୍ପାଦିତ ଶସ୍ୟର ଉପଯୁକ୍ତ ସହାୟକ ମୂଲ୍ୟପାଇପାରିବ ସେଥିପାଇଁ ଗୁରୁତ୍ୱ ଆରୋପ କରୁଛୁ । ତଦ୍ଅନୁସାରେ ଏହି ସୁବିଧା ଚାଷୀକୂଳକୁ ଯୋଗାଇ ଦେବାପାଇଁ ମୁଁ ନିର୍ଦ୍ଦିଷ୍ଟ ବ୍ୟୟବରାଦର ପ୍ରସ୍ତାବ ରଖୁଛି ।

ବର୍ତ୍ତମାନ ମୁଁ ପ୍ରତ୍ୟେକ ବିଭାଗର ବ୍ୟୟଅଟକଳ ଉପରେ ଆଲୋକପାତ କରିବାକୁ ଯାଉଛି ।

## କୃଷି ବିଭାଗ

୯.	କୃଷି ବିଭାଗ ଓ ଏହାର ବୈଷୟିକ ନିର୍ଦ୍ଦେଶାଳୟ ତଥାଏହି ନିର୍ଦ୍ଦେଶାଳୟ ଅଧୀନରେ ଥିବାକ୍ଷେତ୍ର ସଂଗଠନ ବିଭିନ୍ନ ସଂପ୍ରସାରଣ ସେବା ଜରିଆରେ କ୍ଷେତ ପ୍ରଦର୍ଶନ, ଉନ୍ନତମାନର କୃଷି ଉପକରଣ ଓ ବିହନ ନିବେଶ, ସନ୍ତୁଳିତ କୃଷି କାର୍ଯ୍ୟ ପାଇଁ ବୈଜ୍ଞାନିକ ଜ୍ଞାନ କୌଶଳ, ମୃତ୍ତିକା ଉପଯୋଗିତା ଉପରେ ପରାମର୍ଶ ଓ ଯନ୍ତ୍ରପାତି ଇତ୍ୟାଦି ଯୋଗାଇ ଦେଇଥାନ୍ତି । ପ୍ରତିଷ୍ଠାନ ପାଇଁ ଖର୍ଚ୍ଚ ସମେତ ଏସବୁ ସଂସ୍ଥା ଗୁଡ଼ିକର ପରିଚାଳନା ଖର୍ଚ୍ଚ ଅଣ ଯୋଜନା ବଜେଟ୍ରୁ ଭରଣା କରାଯାଇଥାଏ । ଯୋଜନା ବଜେଟ୍ରେ କୃଷି ଓ କୃଷି ଉତ୍ପାଦନ ବୃଦ୍ଧି, ବିବିଧ ଚାଷ, ମୃତ୍ତିକାର ଗୁଣବତ୍ତାରେ ଉନ୍ନତି ଏବଂ ମୃତ୍ତିକା ପରିଚାଳନା ପ୍ରତି ନିର୍ଦ୍ଦିଷ୍ଟ ଧ୍ୟାନ ଦିଆଯାଇଥାଏ ।

ଏହି କାର୍ଯ୍ୟକ୍ରମ ଗୁଡ଼ିକ ସାର, ବିହନ (Input) ଯୋଗାଣ ଓ ବିହନ ପ୍ରତିବଦଳ ହାରର ଅଭିବୃଦ୍ଧି, ସାରର ସଠିକ୍ ପ୍ରୟୋଗ ଦ୍ୱାରା ଜମିର ଉର୍ବରତା ବୃଦ୍ଧି, ନିଶ୍ଚିତ ଜଳସେଚିତ ଜମିର ପରିସୀମା ବୃଦ୍ଧି, ବୃଷ୍ଟି ଦ୍ୱାରା ନିର୍ଭରଶୀଳ ପତିତ ଜମିରେ ଉନ୍ନତ ଚାଷ ପ୍ରଣାଳୀର ପ୍ରୟୋଗ, ସଂପ୍ରସାରଣ କାର୍ଯ୍ୟର ଦୃଢ଼ୀକରଣ ଦ୍ୱାରା କୃଷି କାର୍ଯ୍ୟର ଉନ୍ନତିରେ ସହାୟକ ହେବା ସଙ୍ଗେ ସଙ୍ଗେ ଯାନ୍ତ୍ରୀକ କୃଷି ମାଧ୍ୟମରେ ବିଦ୍ୟୁତ୍ ଶକ୍ତିର ବ୍ୟବହାର ଅଭିବୃଦ୍ଧି ଏବଂ ଅମଳ ପରବର୍ତ୍ତୀ ପରିଚାଳନା ଏବଂ କୃଷକର ଅନିଶ୍ଚିତତା ଦୂର ତଥା କୃଷକ କଲ୍ୟାଣ ପ୍ରତି ଅଙ୍ଗୀକାରବଦ୍ଧତା ଉପରେ ପର୍ଯ୍ୟବେକ୍ଷିତ ଅଟେ ।

2015-16 ଆର୍ଥିକ ବର୍ଷରେ ଯୋଜନା ଓ ଅଣଯୋଜନା ପାଇଁ ବ୍ୟୟବରାଦ ଯଥାକ୍ରମେ **546.11 କୋଟି ଟଙ୍କା** ଏବଂ **2578.27 କୋଟି ଟଙ୍କା**ରେ ରଖାଯାଇଛି । 2015-16 ଆର୍ଥିକ ବର୍ଷ ପାଇଁ ମୋଟ ବ୍ୟୟବରାଦ ପରିମାଣ **3124.38 କୋଟି ଟଙ୍କା** ଅଟେ; ଯାହା ବିଗତ ବର୍ଷ ତୁଳନାରେ 14.53 ପ୍ରତିଶତ ଅଧିକ ।

## ବିହନ ପାଇଁ କର୍ପସ ପାଣ୍ଠି

**10.** ଉନ୍ନତମାନର ବିହନ ଯୋଗାଣ ଦ୍ୱାରା ଶସ୍ୟକୁ ରୋଗ ଦାଉରୁ ରକ୍ଷା କରାଯାଇପାରିବ ଏବଂ ଏହା ପ୍ରାକୃତିକ ବିପର୍ଯ୍ୟୟକୁ ମଧ୍ୟ ସଠିକ୍ ଭାବେ ମୁକାବିଲା କରିପାରିବ; ଯାହା କୃଷି ଉତ୍ପାଦନ ବୃଦ୍ଧି ଓ ଚାଷୀ ଭାଇର ରୋଜଗାର ବୃଦ୍ଧିରେ ସହାୟକ ହେବ । ଏଥିପାଇଁ ବିଭାଗର 3 ଟି ସରକାରୀ ଉଦ୍ୟୋଗକୁ ବିନା ସୁଧରେ **100 କୋଟି ଟଙ୍କା**ର ସ୍ୱଳ୍ପ ମିଆଦି ଋଣ ଯୋଗାଇ ଦିଆଯିବ । ଏହାଦ୍ୱାରା ସେମାନେ କୃଷି ଋତୁର

ପ୍ରାରମ୍ଭରେ କୃଷକମାନଙ୍କୁ ଉଚିତ୍ ମୂଲ୍ୟରେଉନ୍ନତମାନର ବିହନ ଯୋଗାଇ ଦେବାକୁ ସକ୍ଷମ ହେବେ । ଏହା ବିହନ ପ୍ରତିବଦଳ ହାରରେ ଉନ୍ନତି ଆଣିବ ।

## ସାର ପାଇଁ କର୍ପସ ପାଣ୍ଠି

**11.** ସୁଷମ ସାର ପ୍ରୟୋଗ ପୋଷଣୀୟ କୃଷି ପାଇଁ ମୁଖ୍ୟ ଉପାଦାନ ଅଟେ । କୃଷକମାନଙ୍କ ଚାହିଦା ମୁତାବକ ଉଚିତ୍ ସମୟରେ ରାସାୟନିକ ସାର ଯୋଗାଇ ଦେବାପାଇଁ ଉଭୟ ଖରିଫ୍ ଏବଂ ରବି ଋତୁର ପ୍ରାରମ୍ଭରେ ସାର ମହଜୁଦ୍ କରି ରଖିବା ଆବଶ୍ୟକ । ଏଥି ପାଇଁ 2014-15 ଆର୍ଥିକ ବର୍ଷରେ **100 କୋଟି ଟଙ୍କା**ର ଏକ କର୍ପସ ପାଣ୍ଠି ସୃଷ୍ଟି ହୋଇଛି । ଏହି ଅର୍ଥ ସାର ସଂଗ୍ରହ ଏବଂ ବଣ୍ଟନ ପାଇଁ ଓଡିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ (MARKFED) ଏବଂ ଓଡିଶା କୃଷି ଶିଳ୍ପ ନିଗମ (OAIC) କୁ ପ୍ରଦାନ କରାଯିବ । ସେମାନେ ଏହାକୁ 2015-16 ଆର୍ଥିକ ବର୍ଷରେ ପରିଶୋଧ କରିବେ । ଏହା ଏକ ନିୟମିତ ଯୋଜନା ଭାବେ ଚାଲୁ ରହିବ ।

## ଗଭୀର ନଳକୂପ - ସେଚ କାର୍ଯ୍ୟକ୍ରମ

**12.** "ଗଭୀର ନଳକୂପ - ସେଚ କାର୍ଯ୍ୟକ୍ରମ" ଆମ ନିଜ ଯୋଜନା ଅଟେ । ଏହା ରବି ଋତୁ ଏବଂ ଖରିଫ୍ ଋତୁରେ ପାହାଡିଆ ଓ ମାଳ ଅଞ୍ଚଳରେ ଚାଷୀଙ୍କୁ ଜଳ ଯୋଗାଇ ଦେବାପାଇଁ 2010-11 ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଲାଣି । ଏହି ଯୋଜନା ଅଧୀନରେ ପମ୍ପିଙ୍ଗ୍ ୟୁନିଟ୍ ସହ ଶକ୍ତି ଚାଳିତ ନଳକୂପ ବ୍ୟକ୍ତିଗତ ଭାବେ ଏବଂ ସାମୁହିକ ଭାବେ ଯୋଗାଇ ଦିଆଯାଇଛି । ଏଥିପାଇଁ ହିତାଧିକାରୀମାନେ ମଧ୍ୟ

କିଛି ଅର୍ଥ ପ୍ରଦାନ କରିବେ । ଏହା ଏକ ଚାହିଦା ଭିତ୍ତିକ ଯୋଜନା ଅଟେ । ଏହି ଯୋଜନା ପାଇଁ ବଜେଟ୍‌ରେ **520 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ଜଳ ନିଧି (ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି)

13. ସେହିପରି ଖନନ କୂପ, ଅଗଭୀର ନଳକୂପ, ନଳକୂପ ଏବଂ ଉଠା ଜଳସେଚନ ପାଇଁ (ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ସହାୟତାରେ) ଜଳନିଧି ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିପାଇଁ **160 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହି ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ।

## କୃଷି କାର୍ଯ୍ୟକ୍ରମ - କ୍ଷେତ ଯାନ୍ତ୍ରୀକରଣ

14. କୃଷିରଅଭିବୃଦ୍ଧି ପାଇଁ ଯାନ୍ତ୍ରିକ କୃଷିର ଆବଶ୍ୟକତା ଅଛି ।ବିଭିନ୍ନ କିଷମର ମୃତ୍ତିକା ଓ ଜଳବାୟୁକୁ ସୁହାଇଲା ଭଳି କୃଷି ଭିତ୍ତିକ ଯନ୍ତ୍ରପାତି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଉତ୍ପାଦିକା ବୃଦ୍ଧିରେ ସହାୟକ ହେବ । କୃଷି କ୍ଷେତ୍ରରେ ଯନ୍ତ୍ରପାତିର ବହୁଳ ପ୍ରସାର ଦ୍ୱାରା କମ୍ ଖର୍ଚ୍ଚରେ ତଥା ସ୍ୱଳ୍ପ ଶ୍ରମରେ କୃଷି କାର୍ଯ୍ୟ ଠିକଣା ସମୟରେ ହୋଇପାରିବା ସଙ୍ଗେସଙ୍ଗେ ଚାଷରୁ ଅଧିକ ଲାଭ ମିଳିପାରିବ । ଯନ୍ତ୍ରଚାଳିତ ଫସଲଅମଳ ବର୍ତ୍ତମାନ ଜନସାଧାରଣଙ୍କ ଦ୍ୱାରା ଆଦୃତ ହୋଇପାରିଛି । ସରକାରୀ ପ୍ରୋତ୍ସାହନ ଜରିଆରେ ଟ୍ରାକ୍‌ଟର, ପାୱାର ଟିଲର, ଶସ୍ୟ କାଟିବା ଓ ଚାରା ରୋପଣ ଯନ୍ତ୍ର ଏବଂ ପମ୍ପସେଟ୍ ଇତ୍ୟାଦି ବ୍ୟବହାର ଚାଷୀମାନଙ୍କୁ ଉତ୍ସାହିତ କରିବ । କୃଷି ଯନ୍ତ୍ରପାତି, ସରଞ୍ଜାମ ଓ ଡିଜେଲ୍ ପମ୍ପସେଟ୍‌କୁ ଲୋକପ୍ରିୟ

କରିବା ପାଇଁ 2014-15 ଆର୍ଥିକ ବର୍ଷରେ **150 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଥିବା ବେଳେ 2015-16 ଆର୍ଥିକ ବର୍ଷରେ ଏହି ବ୍ୟୟବରାଦ **240 କୋଟି ଟଙ୍କା**କୁ ବୃଦ୍ଧି କରାଯାଇଛି ।

## ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା

**15.** ବାର୍ଷିକ 4 ପ୍ରତିଶତ ଅଭିବୃଦ୍ଧି ହାରରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଅଭିବୃଦ୍ଧି ପାଇଁ 2007-08 ଆର୍ଥିକ ବର୍ଷରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି । ଏହା ଏକ ବହୁମୂଖୀ ଯୋଜନା; ଯାହା ଅଧୀନରେ କୃଷି, ଉଦ୍ୟାନ କୃଷି, ପଶୁପାଳନ, ଗୋ ପାଳନ, କ୍ଷୁଦ୍ର ଜଳସେଚନ ଏବଂ ଜଳଛାୟା ମିଶନ ଇତ୍ୟାଦି କାର୍ଯ୍ୟକାରୀ ହେଉଛି । ଏହି ଯୋଜନା କେନ୍ଦ୍ରୀୟ ସହାୟତାରେ କାର୍ଯ୍ୟକାରୀ ହେଉଛି । ଏହଦ୍ୱାରା ଅନେକ ସକାରାତ୍ମକ ଫଳାଫଳ ମିଳିପାରିଛି । 2015-16 ଆର୍ଥିକ ବର୍ଷରେ ଏଥିପାଇଁ **554.54 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ମୃତ୍ତିକା ଓ ଜଳ ସଂରକ୍ଷଣ

**16.** ମୃତ୍ତିକା କ୍ଷୟ ଉଭୟ କୃଷି ଓ ପ୍ରାକୃତିକ ପରିବେଶକୁ ପ୍ରଭାବିତ କରୁଛି । ବୈଜ୍ଞାନିକ ପଦ୍ଧତିରେ ମୃତ୍ତିକା ଓ ଜମିର ବ୍ୟବହାର ମୃତ୍ତିକା ଓ ଜଳ ସଂରକ୍ଷଣ ଉପପରେ ଆଧାରିତ ହେବା ଆବଶ୍ୟକ । ଏହାଦ୍ୱାରା କୃଷି କ୍ଷେତ୍ରରେ ଉତ୍ପାଦନ ସର୍ବୋଚ୍ଚ ପୋଷଣୀୟ ସ୍ତରରେ ରଖାଯାଇପାରିବ । ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରକ୍ରିୟା ଜମିର ଉର୍ବରତା ପରିଚାଳନା ଏବଂ ଜଳଛାୟା ଉନ୍ନୟନ କାର୍ଯ୍ୟଜରିଆରେ ସମ୍ପନ୍ନ କରାଯିବ । ମୃତ୍ତିକା ଏବଂ ଜଳ ସଂରକ୍ଷଣ କାର୍ଯ୍ୟ ପାଇଁ 2015-16 ଆର୍ଥିକ

ବର୍ଷରେ **258.17 କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ଅଛି । ଏଥିମଧ୍ୟରୁ **251.67 କୋଟି ଟଙ୍କା** ସମନ୍ୱିତ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ । ଏହି ଯୋଜନା ୨0 ପ୍ରତିଶତ କେନ୍ଦ୍ରୀୟ ସହାୟତାରେ ମୃତ୍ତିକା କ୍ଷୟ ପ୍ରତିରୋଧ ଉଦ୍ଭିଦର ପ୍ରାକୃତିକ ପୁନରୁତ୍ପାଦନ ବର୍ଷା ଜଳ ସଂରକ୍ଷଣ ଓ ଭୂତଳ ଜଳର ପୁନଃ ଭରଣା ପାଇଁ 26 ଟି ଜିଲ୍ଲାରେ କାର୍ଯ୍ୟାକାରୀ ହେଉଛି ।

**ଉଦ୍ୟାନ କୃଷି**

17. ଉଦ୍ୟାନ କୃଷି ରୋଜଗାରର ବ୍ୟାପକ ସୁଯୋଗ ସୃଷ୍ଟି କରିଥାଏ ଏବଂ ଏହା କୃଷି ଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧିରେ ସହାୟକ ହୁଏ । ରାଜ୍ୟ ଯୋଜନାରେ ଉଦ୍ୟାନ କୃଷି କ୍ଷେତ୍ର ପାଇଁ **218.80 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି । ଉଦ୍ୟାନ କୃଷି କ୍ଷେତ୍ରରେ ସବୁ ପୂର୍ବଯୋଜନାକୁ ସମନ୍ୱିତ ଉଦ୍ୟାନ କୃଷି ମିଶନରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଯୋଜନାର ଏକ ଉଦ୍ଦେଶ୍ୟ ହେଲା କୃଷି ଉତ୍ପାଦନକାରୀ ସଂସ୍ଥାକୁ କିମ୍ବା କୃଷି ଉତ୍ପାଦକ କମ୍ପାନୀକୁ ସଂଗଠିତ କରିବା । ଏହି ଯୋଜନା ଯୌଥ ଭାବେ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ୫5:15 ଅନୁପାତରେ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ପାଇଁ 2015-16 ବଜେଟ୍‌ରେ **128.30 କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ଅଛି । ଏତଦ୍‌ବ୍ୟତୀତ ସୁରକ୍ଷିତ ପ୍ରଣାଳୀରେ ଚାଷକୁ ଲୋକପ୍ରିୟ କରିବା, ଫସଲ ଅମଳ ପରବର୍ତ୍ତୀ ପରିଚାଳନା, ଶୀତଳ ଭଣ୍ଡାର ସ୍ଥାପନ ଏବଂ କ୍ଷେତ୍ର ଯନ୍ତ୍ରିକରଣ ପାଇଁ ଉଦ୍ୟାନ କୃଷି କ୍ଷେତ୍ରରେ ଆମେ ଉଦ୍ୟାନ କୃଷି ମିଶନ ପ୍ଲସ ନାମକ ଏକ ନିଜସ୍ୱ

ଯୋଜନା ପ୍ରଚଳନ କରିଛୁ ଏବଂ ଏଥିପାଇଁ 2015-16 ଆର୍ଥିକ ବର୍ଷରେ **17.10 କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ଅଛି ।

## ରାଜ୍ୟ ଆଳୁ ମିଶନ

**18.** ଆଳୁ ଅଭାବର ମୁକାବିଲା ଆମ ନିକଟରେ ଏକ ସମସ୍ୟା ରୂପେ ଠିଆ ହୋଇଛି । ଆଳୁ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଆମକୁ 2017-18 ଆର୍ଥିକ ବର୍ଷ ସୁଦ୍ଧା ବର୍ତ୍ତମାନ ଉତ୍ପାଦିତ ହେଉଥିବା ବାର୍ଷିକ 0.2 ନିୟୁତ ଟନ୍‌ରୁ 1.2 ନିୟୁତ ଟନ୍‌କୁ ମିଶନ ଜରିଆରେ ବୃଦ୍ଧି କରିବାକୁପଡିବ । ଏହି ମିଶନ ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏକ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟକରିବ; ଯାହା ଆଳୁର ଉତ୍ପାଦନ, ଶୀତଳ ଭଣ୍ଡାରରେ ସରକ୍ଷଂଣ ଏବଂ ସୁଷମ ବଣ୍ଟନ ଦାୟିତ୍ୱରେ ରହିବ । ଆଳୁ ମିଶନ ପାଇଁ ବଜେଟ୍‌ରେ **50 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ଆଳୁର ମଧ୍ୟବର୍ତ୍ତୀ ଭଣ୍ଡାର

**19.** ପଡୋଶୀ ରାଜ୍ୟରୁ ଆଳୁ ଚାଲାଣ ଉପରେ କଟକଣା ହେତୁ ମୂଲ୍ୟବୃଦ୍ଧି ହେଉଛି ଏବଂ ଏହାଦ୍ୱାରା ରାଜ୍ୟର ଖାଉଟି ହନ୍ତସନ୍ତ ହେଉଛନ୍ତି । ଆଗରୁ ଆଳୁ ସଂଗ୍ରହ କରାଯାଇ ଏକ ମଧ୍ୟବର୍ତ୍ତୀ ଭଣ୍ଡାର ସୃଷ୍ଟି ପାଇଁ ଚିନ୍ତା କରାଯାଉଛି । ସୁତରାଂ ଏହା ମୂଲ୍ୟ ନିୟନ୍ତ୍ରଣ ଓ ଆଳୁ ଯୋଗାଣର ଅଭାବକୁ ପୂରଣ କରିପାରିବ । ଏହି ମଧ୍ୟବର୍ତ୍ତୀ ଭଣ୍ଡାର ନାଫେଡ୍ ଏବଂ ମାର୍କଫେଡ ଜରିଆରେ ଓଡିଶା ରାଜ୍ୟ ସାଧାରଣ ଯୋଗାଣ ନିଗମ ଲିଃ ଦ୍ୱାରା କାର୍ଯ୍ୟକାରିହେବ । ଏଥିପାଇଁ ନିଗମ ପାଖରେ **50 କୋଟି ଟଙ୍କା** ରଖାଯାଇ ଏକ କର୍ପସ ପାଣ୍ଠି ସୃଷ୍ଟି ହେବ ।

ଏଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବଜେଟରେ **50 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି ।

## ବିଜୁ କୃଷକ କଲ୍ୟାଣ ଯୋଜନା

**20.** ରାଜ୍ୟ ସରକାର 2013-14 ଆର୍ଥିକ ବର୍ଷରେ ଚାଷୀମାନଙ୍କ ନିମିତ୍ତ ବିଜୁ କୃଷକ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟବୀମା ପ୍ରଚଳନ କରିଛନ୍ତି । ଏହି ଯୋଜନାରେ ପ୍ରତ୍ୟେକ ଚାଷି ପରିବାରର 5 ଜଣ ସଦସ୍ୟଙ୍କ ନିମିତ୍ତ ସର୍ବାଧିକ ବାର୍ଷିକ 1 ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଚଳନ କରାଯାଇଛି । 2013-14 ଆର୍ଥିକ ବର୍ଷରେ ଏହି ଯୋଜନାରେ 52 ଲକ୍ଷ ଚାଷୀପରିବାରଙ୍କୁ ସ୍ୱାସ୍ଥ୍ୟବୀମାର ସୁବିଧା ପ୍ରଦାନ କରାଯାଇଥିବା ବେଳେ 2014-15 ଆର୍ଥିକ ବର୍ଷରେ 55,35,120 ପରିବାର ଏହି ବୀମାଯୋଜନାର ଅନ୍ତର୍ଭୁକ୍ତ ହୋଇଛନ୍ତି । ଅଦ୍ୟାବଧି ଏହି ବୀମାଯୋଜନା ଦ୍ୱାରା **44.94 କୋଟି ଟଙ୍କା** ବ୍ୟୟରେ ୫୩୨୦୨ ଟି ଚାଷୀ ପରିବାର ଉପକୃତ ହୋଇଛନ୍ତି । 2015-16 ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ **୨୦ କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବଅଛି ।

## ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ

**21.** ଆମ ମିଶ୍ରିତ କୃଷି ବ୍ୟବସ୍ଥା କୃଷି, ପଶୁପାଳନ ଓ ମତ୍ସ୍ୟଚାଷର ସମନ୍ୱୟର ଏକ ନମୁନା ଅଟେ । ଏହାଦ୍ୱାରା ପଶୁ ସଂପଦ ଓ ମତ୍ସ୍ୟଚାଷରୁ ମିଳୁଥିବା ଆୟ କୃଷି ଆୟକୁ ସହାୟତା ପ୍ରଦାନ କରି ପୋଷଣୀୟ କରିଥାଏ ।

ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ବ୍ୟୟ ଅଟକଳ 2014-15 ଆର୍ଥିକ ବର୍ଷରେ **520.09 କୋଟି ଟଙ୍କା** ଥିବା ବେଳେ 2015-16 ଆର୍ଥିକ ବର୍ଷରେ ଏହା **624.80 କୋଟି ଟଙ୍କାକୁ** ବୃଦ୍ଧି ପାଇଛି । ଅଣଯୋଜନା କ୍ଷେତ୍ରରେ ବ୍ୟୟ ଅଟକଳ 2014-15 ଆର୍ଥିକ ବର୍ଷରେ **259.25 କୋଟି ଟଙ୍କା** ଥିବାବେଳେ 2015-16 ଆର୍ଥିକ ବର୍ଷରେ ଏହା **295.91 କୋଟି ଟଙ୍କା**କୁ ବୃଦ୍ଧି ପାଇଛି । ଯୋଜନା ଅଟକଳ **260.83 କୋଟି ଟଙ୍କା**ରୁ **328.89 କୋଟି ଟଙ୍କା**କୁ ବୃଦ୍ଧିପାଇଛି ।

## ମତ୍ସ୍ୟ ଚାଷ

**22.** ମତ୍ସ୍ୟଚାଷ କେବଳ ଜୀବିକା ନିର୍ବାହର ଏକ ମୁଖ୍ୟ ଉତ୍ସ ନୁହେଁ । ଏହା ମଧ୍ୟ ଆମ ପୁଷ୍ଟିକର ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇ ଥାଏ । ରାଜ୍ୟର ଦୀର୍ଘ ସାଗର ତଟ ଏବଂ ନଦୀ ବ୍ୟବସ୍ଥା, ମଧୁର ଜଳ, ଖାରିଆ ଜଳ ଓ ସାମୁଦ୍ରିକ ମତ୍ସ୍ୟ ଚାଷ ପାଇଁ ଏକ ସୁଦୃଢ ଭିତ୍ତିଭୂମି ଯୋଗାଇ ଦେଉଛି । କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା,କେନ୍ଦ୍ର ଯୋଜନା ସମେତ ରାଜ୍ୟ ସରକାର ମଧ୍ୟ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ସଂପ୍ରସାରଣ ସେବା ଜରିଆରେ ବୈଜ୍ଞାନିକ ପଦ୍ଧତି ଅନୁସରଣ ପୂର୍ବକ ଋଣ ନିମନ୍ତେ ସୁଧ ରିହାତି ଓ ମତ୍ସ୍ୟ ଜୀବିଙ୍କ ଉନ୍ନତି ପାଇଁ ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

## ବୈଜ୍ଞାନିକ ପଦ୍ଧତିରେ ଜଳାଶୟ ନିର୍ମାଣ ପାଇଁ ସଂପ୍ରସାରଣ ସେବା

**23.** ମତ୍ସ୍ୟ ଓ ଚିଙ୍ଗୁଡି ଚାଷରେ ନୂତନ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ । ଆମେ ବିଭିନ୍ନ ଯୋଜନା ଯଥା ସଘନ Acqua Culture ଏବଂ ମଧୁର ମାଛ ପ୍ରଜନନ

ସ୍ଥାନ, ଭିତ୍ତିଭୂମି ଉନ୍ନୟନ ନଦୀ ମୂହାଣ, ମତ୍ସ୍ୟ ପୋତାଶ୍ରୟ, ମତ୍ସ୍ୟ ରଖିବା ସ୍ଥାନ ଏବଂ ଜେଟିରୁ ପଙ୍କ କାଢିବା ଓ କୃଷକମାନଙ୍କୁ ମାଚ୍ଛମଞ୍ଜି ଯୋଗାଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ପ୍ରଣୟନ କରିଛୁ । ଏ ସବୁ ଯୋଜନା ପାଇଁ ବଜେଟ୍‌ରେ **41.73 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ଋଣ ପାଇଁ ସ୍ୱଳ୍ପ ହାରରେ ସୁଧ ପ୍ରଦାନ

**24.** ମତ୍ସ୍ୟ ଚାଷୀମାନେ ଆର୍ଥିକ ଦୃଷ୍ଟି କୋଣରୁ ଗରିବ ଏବଂ ସେମାନଙ୍କପାଇଁ ସହଜ ଓ ସ୍ୱଳ୍ପହାରରେ ଋଣ ମିଳିବା ସୁଯୋଗ ସୀମିତ। ସେମାନଙ୍କୁ ସୁବିଧାରେ ଋଣ ଯୋଗାଇଦେବା ପାଇଁ ସରକାର ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଋଣ ଉପରେ ସୁଧ ରିହାତି ପ୍ରଦାନ କରୁଛନ୍ତି । ଏହା ଦ୍ୱାରା ସେମାନେ ତାଙ୍କର ଚଳନ୍ତି ମୂଳଧନ ଓ ବିକ୍ରିବଟାର ଆବଶ୍ୟକତା ମେଣ୍ଟାଇପାରିବେ ଏବଂ ଆୟକାରୀ ସମ୍ପତ୍ତି ସୃଷ୍ଟି କରିପାରିବେ । ଏଥି ପାଇଁ 2015-16 ଆର୍ଥିକ ବର୍ଷ ବଜେଟ୍‌ରେ **5.11 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ମତ୍ସ୍ୟଜୀବିଙ୍କ କଲ୍ୟାଣ

**25.** ମତ୍ସ୍ୟଜୀବିଙ୍କର ସାମଗ୍ରୀକ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ଆମର ଏକାନ୍ତ ଲକ୍ଷ୍ୟହେବା ଉଚିତ୍ । ଆମେ ସେମାନଙ୍କର ମଙ୍ଗଳପାଇଁ ବିଭିନ୍ନ ଯୋଜନା ଯଥା ମତ୍ସ୍ୟ ଉନ୍ନୟନ ଯୋଜନା ଓ ମତ୍ସ୍ୟ ଜୀବି ବାସଗୃହ ଯୋଜନା ପ୍ରଣୟନ କରିଛୁ । ମତ୍ସ୍ୟ ଉନ୍ନୟନ ଯୋଜନାରେ ମତ୍ସ୍ୟଜୀବି ସମାଜରେ ଥିବା ମେଧାବୀ ଛାତ୍ରମାନଙ୍କୁ 5 ହଜାର ଟଙ୍କାରୁ 7 ହଜାର ଟଙ୍କାର ବୃତ୍ତି ପ୍ରଦାନ ବ୍ୟବସ୍ଥା ଅଛି ଏବଂ ଏହି ଯୋଜନାରେ ମତ୍ସ୍ୟ ସମ୍ବନ୍ଧୀୟ ବ୍ୟବସାୟ ପାଇଁ ମହିଳା ସ୍ୱୟଂ

ସହାୟକ ଗୋଷ୍ଠୀକୁ 5 ହଜାର ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି । ମତ୍ସ୍ୟଜୀବି ବାସଗୃହ ଯୋଜନାରେ ପକ୍‌କା ଘର ନିର୍ମାଣ ପାଇଁ ପ୍ରତି ମତ୍ସ୍ୟଜୀବି ପରିବାରଙ୍କୁ **75,000 ଟଙ୍କା**ର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ମତ୍ସ୍ୟଜୀବି ଉନ୍ନୟନ ଯୋଜନା ଓ ମତ୍ସ୍ୟଜୀବି ବାସଗୃହ ଯୋଜନା ପାଇଁ 2015-16 ଆର୍ଥିକ ବର୍ଷରେ ଯଥାକ୍ରମେ **2 କୋଟି ଓ ୫ କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**ପଶୁପାଳନ**

**26.** ପଶୁପାଳନ ଲୋକଙ୍କର ଜୀବିକା ନିର୍ବାହର ଏକ ମୁଖ୍ୟ ଉତ୍ସ ଅଟେ । ବିପଦ ସମୟରେ ପଶୁଧନ ବୀମା ଭାବେ କାର୍ଯ୍ୟକରେ । ପଶୁସମ୍ପଦ ଆୟରେ ସ୍ଥିରତା, ଖାଦ୍ୟ ନିରାପତ୍ତା, ଜାଳେଣୀ ଏବଂ ପୃଷ୍ଟିକର ଖାଦ୍ୟ ଯୋଗାଇବାରେ ସହାୟକ ହୋଇଥାଏ । ଏହା ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରିଥାଏ । ଓଡିଶାରେ ଗ୍ରାମାଞ୍ଚଳର ପ୍ରାୟ ୫0 ପ୍ରତିଶତ ପରିବାର ପଶୁସମ୍ପଦ ଉପରେ ନିର୍ଭରଶୀଳ । ପ୍ରାୟ ୫5 ପ୍ରତିଶତ ପଶୁସମ୍ପଦ ଭୂମିହୀନ, ନାମମାତ୍ର ଓ କ୍ଷୁଦ୍ର ଚାଷୀଙ୍କର ଅଟେ ।

କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଓ କେନ୍ଦ୍ରୀୟ ଯୋଜନା ସହିତ ରାଜ୍ୟ ସରକାର ପଶୁସମ୍ପଦର ଉତ୍ପାଦନ ବୃଦ୍ଧି ଏବଂ ଗ୍ରାମାଞ୍ଚଳରେ ଉତ୍ତମ ପଶୁ ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି ଉନ୍ନୟନ ତଥା ଉନ୍ନତମାନର ପ୍ରଜନନ ସୁବିଧା ଓ ଋଣ ପାଇଁ ସୁଧ ରିହାତି ବ୍ୟବସ୍ଥା ଯୋଗାଇ ଦେଇଛନ୍ତି ।

## ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି ସୁବିଧାର ଉନ୍ନତି କରଣ

**27.** ଉତ୍ତମ ପଶୁ ସ୍ୱାସ୍ଥ୍ୟ ସେବା ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ଯୋଗାଇ ଦେବା ପାଇଁ ଆମେ ବିଭିନ୍ନ ଯୋଜନା ଯଥା ପଶୁ ସମ୍ପଦ ସ୍ୱାସ୍ଥ୍ୟ ସେବାରେ ଉନ୍ନତିକରଣ, ଭ୍ରାମ୍ୟମାଣ ଯାନ, ଜାତୀୟ ପଶୁଧନ ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ପଶୁ ସମ୍ପଦ ସେବା ଉନ୍ନତି ନିମନ୍ତେ ଭିତ୍ତିଭୂମିର ଉନ୍ନତିକରଣ ଏବଂ RIDF ସହାୟତାରେ ଭିତ୍ତିଭୂମିର ଉନ୍ନତି କରଣ ଇତ୍ୟାଦି ଯୋଜନା ପ୍ରଣୟନ କରିଛୁ । ଏହି ସବୁ ଯୋଜନା ପାଇଁ 2015-16 ଆର୍ଥିକ ବର୍ଷ ବଜେଟ୍‌ରେ **145.36 କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ଅଛି ।

## ଉନ୍ନତମାନର ପ୍ରଜନନ ସୁବିଧା ଓ ଦୁଗ୍ଧ ଉନ୍ନୟନ

**28.** ଉପଭୋକ୍ତାଙ୍କ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ମେଣ୍ଟାଇବା ଓ ପଶୁ ସମ୍ପଦ ଚାଷକୁ ଅଧିକ ଲାଭପ୍ରଦ କରିବା ପାଇଁ ସାଧାରଣ ରୋଗ ପ୍ରତିଷେଧକ ଶକ୍ତି ସହ ଜଳବାୟୁକୁ ଖାପଖୁଆଇବାର କ୍ଷମତାଥିବା ଅଧିକ ଉତ୍ପାଦନକ୍ଷମ ପଶୁସମ୍ପଦ ଆବଶ୍ୟକ । ଏଥି ପାଇଁ ଆମେ ବିଭିନ୍ନ ଯୋଜନା ଯଥା ଦୁଗ୍ଧ ଉତ୍ପାଦନର ବୃଦ୍ଧି ଜାତୀୟ ପଶୁଧନ ପରିଚାଳନା କାର୍ଯ୍ୟକ୍ରମ ଏବଂ BAIF ଗବେଷଣା ସଂସ୍ଥା ଜରିଆରେ କଲ୍ୟାଣୀ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ଆଦି ବିଭିନ୍ନ ଯୋଜନା ପ୍ରଣୟନ କରୁଛୁ । ଏ ସବୁ କାର୍ଯ୍ୟକ୍ରମ ପାଇଁ 2015-16 ଆର୍ଥିକ ବର୍ଷରେ **34.94 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ଋଣ ଉପରେ ସୁଧ ରିହାତି

**29.** ଦୁଗ୍ଧ ଚାଷୀମାନେ ସେମାନଙ୍କର ଚଳନ୍ତି ପୁଞ୍ଜିର ଆବଶ୍ୟକତକୁ ପରିପୂରଣ କରିବାପାଇ ସ୍ୱଳ୍ପମିଆଦୀ ଋଣ ଦରକାର କରିଥାନ୍ତି । ସେହିପରି ଯନ୍ତ୍ରପାତି, ସରଞ୍ଜାମ, ନୂତନ ପଶୁସମ୍ପଦ କ୍ରୟ, ସେମାନଙ୍କର ଆଶ୍ରୟ ସ୍ଥଳୀ ନିର୍ମାଣ ଏବଂ ସମ୍ପତ୍ତି ସୃଷ୍ଟି ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିମନ୍ତେ ମିଆଦୀ ଋଣ ଆବଶ୍ୟକ କରିଥାନ୍ତି । ରାଜ୍ୟ ସରକାର ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ସୂତ୍ରରେ ଉଚିତ୍ ହାରରେ ଚାଷୀମାନଙ୍କୁ ଋଣ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରୁଛନ୍ତି । ଏଥିପାଇଁ 2015-16 ଆର୍ଥିକ ବର୍ଷ ବଜେଟ୍‌ରେ **8 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ସମବାୟ ବିଭାଗ

**30.** ସମବାୟ ସଂସ୍ଥା ଆମ ରାଜ୍ୟରେ ଏକ ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ବିଦ୍ୟମାନ । ବଜାର ଭିତ୍ତିକ ବ୍ୟବସ୍ଥା ଗରିବ ଓ ନାମମାତ୍ର ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହୋଇପାରୁ ନଥିବାରୁ ସମବାୟ ଆନ୍ଦୋଳନ ରାଜ୍ୟ ସରକାରଙ୍କ ପୃଷ୍ଟପୋଷକତା ଲାଭକରିଛି । ସମବାୟ ବିଭାଗ ସମବାୟ ସଂସ୍ଥା ଜରିଆରେ ଶସ୍ୟ ବୀମା ପାଇଁ ସ୍ୱଳ ହାରରେ ଋଣ ଯୋଗାଣ, ଗୋଦାମ ଘର ଏବଂ ବିପଣନ ସୁବିଧା ଚାଷୀମାନଙ୍କୁ ଯୋଗାଇ ଦେଉଛି । 2015-16 ଆର୍ଥିକ ବର୍ଷପାଇଁ ସମବାୟ ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ **892.27 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ଅଛି ।

## ଶସ୍ୟ ବୀମା

**31.** ଆମ ଦେଶରେ ଶସ୍ୟ ଉତ୍ପାଦନ ପ୍ରାକୃତିକ ଦୁର୍ବିପାକ ଦ୍ୱାରା ପ୍ରଭାବିତ ତେଣୁ ଶସ୍ୟ ବୀମା ଚାଷୀମାନଙ୍କର ଚାଷଜନିତ କ୍ଷୟକ୍ଷତି ଓ ତଦ୍‌ଜନୀତ ଆର୍ଥିକ ଦୁଃସ୍ଥିତିର ସଫଳ ମୁକାବିଲା ପାଇଁ ଉଦ୍ଦିଷ୍ଟ । ଚାଷୀମାନେ ପ୍ରାକୃତିକ ଦୁର୍ବିପାକ ଯଥା ବତ୍ୟା, ବନ୍ୟା, ମରୁଡି ଓ କରକାପାତରୁ ରକ୍ଷା ପାଇବାପାଇଁ ଶସ୍ୟ ବୀମା କରିଥାନ୍ତି । ଶସ୍ୟ ବୀମା ଯୋଜନା ରାଜ୍ୟରେ 1985-86 ମସିହାରୁ କାର୍ଯ୍ୟକାରୀ ହେଉଛି । 2013 ଖରିଫ୍ ଋତୁ ପାଇଁ ଜାତୀୟ କୃଷି ବୀମା ଯୋଜନା 26 ଟି ଜିଲ୍ଲାରେ ପ୍ରଚଳନ କରାଯାଇଛି ଏବଂ ପରିବର୍ତ୍ତିତ ଜାତୀୟ କୃଷି ବୀମା ଯୋଜନା 4 ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । 2013 ଖରିଫ୍ ଋତୁରେ 5,55,861 ବୀମା ଭୁକ୍ତ ଚାଷୀଙ୍କୁ ଜାତୀୟ କୃଷି ବୀମା ଯୋଜନାରେ **634.30 କୋଟି ଟଙ୍କା** କୃଷି ବୀମା ରାଶି ପ୍ରଦାନ କରାଯାଇଛି ଏବଂ 2014-15 ଆର୍ଥିକ ବର୍ଷରେ ଜାତୀୟ କୃଷି ବୀମା ଯୋଜନା ଅଧିନରେ **160 କୋଟି ଟଙ୍କା** ବୀମା ରାଶି ପ୍ରଦାନ କରାଯାଇଛି । 2015-16 ଆର୍ଥିକ ବର୍ଷରେ ଏଥିପାଇଁ **160 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

## ସମବାୟ ଋଣ

**32.** ନିଜ ସଞ୍ଚୟରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ କୃଷି କାର୍ଯ୍ୟପାଇଁ ବିନିଯୋଗ କରିବାକୁ ଅକ୍ଷମ । ତେଣୁ, କୃଷି ଋଣ କୃଷି କାର୍ଯ୍ୟ ସମ୍ପାଦନ ପାଇଁ ଏକ ମୁଖ୍ୟ ଆବଶ୍ୟକତା ଅଟେ ।

## ଶସ୍ୟ ଋଣ ଉପରେ ସୁଧ ରିହାତି

**33.** ଭାରତ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସୁଧ ରିହାତି ସହ ରାଜ୍ୟ ସରକାର ଚାଷ କାର୍ଯ୍ୟପାଇଁ ଚାଷୀମାନଙ୍କୁ 5 ପ୍ରତିଶତ ହାରରେ  ଶସ୍ୟ ଋଣ ପ୍ରଦାନ କରୁଛନ୍ତି । ଏହାଛଡା ସଠିକସମୟ୍ରେ ଋଣ ପରଶୋଧ ପାଇଁ ଭାରତ ସରକାର କୃଷକ ମାନଙ୍କୁ ଅତିରିକ୍ତ 3 ପ୍ରତିଶତ ରିହାତି ବ୍ୟବସ୍ଥା କରିଛନ୍ତି । ଯାହା ଫଳରେ ବାସ୍ତବରେ ସୁଧ ହାର 2 ପ୍ରତିଶତ ରେ ସୀମିତ ରହୁଛି ।

## ମିଆଦି ଋଣ ଉପରେ ସୁଧ ରିହାତି

**34.** ପୂର୍ବରୁ କୃଷି କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶ ପାଇଁ ମିଆଦି ଋଣ ଉପରେ ସୁଧ ରିହାତି ପ୍ରଦାନ କରାଯାଉନଥିଲା । ଚାଷୀ ମାନଙ୍କୁ ମିଆଦି ଋଣ ଉପରେ 10-14 ପ୍ରତିଶତ ହାରରେ ସୁଧ ଦେବାକୁ ପଡୁଥିଲା । ଉନ୍ନତ ଚାଷ ପ୍ରଣାଳୀ ପାଇଁ କୃଷି କ୍ଷେତ୍ରରେ ବେସରକାରୀ ପୁଞ୍ଜି ନିବେଶକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସମବାୟ୍ ବ୍ୟାଙ୍କ, ବାଣିଜ୍ୟକ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ପ୍ରଦାନ କରୁଥିବା ଋଣ ଉପରେ 5 ପ୍ରତିଶତ ପର୍ଯ୍ୟନ୍ତ ସୁଧ ରିହାତି ଯୋଗାଇ ଦେବାର ବ୍ୟବସ୍ଥା ଅଛି ।

2015-16 ଆର୍ଥିକ ବର୍ଷରେ ସ୍ୱଳ୍ପ ମିଆଦି ଓ ଦୀର୍ଘ ମିଆଦି ଋଣ ଉପରେ ସୁଧ ରିହାତି ଯୋଗାଇ ଦେବାପାଇଁ **384 କୋଟି ଟଙ୍କା**ର ବ୍ୟୟ୍ ବରାଦ କରାଯାଇଛି ।

## ପଣ୍ୟାଗାର ପ୍ରତିଷ୍ଠା

**35.** ଉତ୍ପାଦନକାରୀ ଠାରୁ ପ୍ରସ୍ତୁତକାରୀ ପର୍ଯ୍ୟନ୍ତ ଏବଂ ପ୍ରସ୍ତୁତକାରୀ ଠାରୁ ଉପଭୋକ୍ତା ପର୍ଯ୍ୟନ୍ତ କୃଷି ଉତ୍ପାଦିତ ଦ୍ରବ୍ୟ ପହଞ୍ଚାଇବାପାଇଁ ସଂରକ୍ଷଣ ଏକ ମଧ୍ୟବର୍ତ୍ତୀ କାଳୀନ ବ୍ୟବସ୍ଥା ଅଟେ । ପ୍ରଚୁର ପରିମାଣର ଖାଦ୍ୟ ଶସ୍ୟ, ପନିପରିବା ଏବଂ ଫଳ ଅମଳ ପରର ସଂରକ୍ଷଣ ସୁବିଧାର ଅଭାବ ହେତୁ ନଷ୍ଟ ହେଇଯାଉଛି ଏହାଦ୍ୱାରା ଖାଦ୍ୟ ଶସ୍ୟର ଅଭାବ ଘଟୁଛି ଓ ବଜାର ମୂଲ୍ୟରେ ସ୍ଥିରତା ରହୁନାହିଁ । ଅମଳ ପରେ ଖାଦ୍ୟକୁ ପଣ୍ୟାଗାରରେ ସଂରକ୍ଷଣ କରିବାଦ୍ୱାରା ଅଭାବୀ ବିକ୍ରିକୁ ପ୍ରତିହତ କରାଯାଇ ପାରିବ ଏବଂ ଚାଷୀ ଉପଯୁକ୍ତ ମୂଲ୍ୟରେ ଉପଭୋକ୍ତାଙ୍କୁ ଖାଦ୍ୟ ଶସ୍ୟ ବିକ୍ରି କରିପାରିବ । ବର୍ତ୍ତମାନ RMC ରେ 631 ଟି ପଣ୍ୟାଗାର ଅଛି ଏବଂ ଏଥିରେ 2 ଲକ୍ଷ 1 ହଜାର 145 ମେଟ୍ରିକ ଟନ ଖାଦ୍ୟ ଶସ୍ୟ ସଂରକ୍ଷଣ କରିବାର କ୍ଷମତା ଅଛି । ଏତଦବ୍ୟତୀତ ବିଭିନ୍ନ RMC ରେ 45 ଗୋଟି ବିଭିନ୍ନ କିସମର ଗୋଦମ ଘର ନିର୍ମାଣାଧୀନ ଅଛି ଯାହାଦ୍ୱାରା 62 ହଜାର 500 ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ସଂରକ୍ଷଣ ହୋଇପାରିବ । ଏହି ପଣ୍ୟାଗାର ମୂଖ୍ୟତଃ ଧାନ ସଂଗ୍ରହ ପାଇଁ ବ୍ୟବହୃତ ହେବ । ପୁନଶ୍ଚ ପ୍ରାଥମିକ କୃଷି ଭିତ୍ତିକ ସମବାୟ ସମିତି (Primary Agriculture Co-operative Society) ସ୍ତରରେ ଖାଦ୍ୟ ଶସ୍ୟ ସରଂକ୍ଷଣ ନିମନ୍ତେ, 544 ଟି ପଣ୍ୟାଗାରରନିର୍ମାଣ କାର୍ଯ୍ୟ,ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ସହାୟତାରେ ହାତକୁ ନିଆଯାଇଛି । ଏଥିପାଇଁ 2015-16 ବଜେଟ୍ ରେ **100 କୋଟି ଟଙ୍କା**ର ବ୍ୟୟବରାଦ ଅଛି ।

**କୃଷି ବିପଣନ ସଂସ୍କାର -**

**ଫଳ ଓ ପନିପରିବା ଉପରେ ବଜାର ମାସୁଲ ଛାଡ ;**

36. ନିୟନ୍ତ୍ରିତ ବଜାର କମିଟି ଦ୍ୱାରା କୃଷିଜାତ ଦ୍ରବ୍ୟର ବିକ୍ରୟ ବ୍ୟବସ୍ଥା ସିମୀତ ଫଳ ପ୍ରଦାନ କରୁଛି । ଯୋଗାଣ ଓ ଚାହିଦାକୁ ଆଖିଆଗରେ ରଖି ଉଭୟ କୃଷକ ଓ ଉପଭୋକ୍ତାଙ୍କ ପାଇଁ ଉଚିତ୍ ମୂଲ୍ୟ ନିର୍ଦ୍ଧାରଣ ହେବା  ଆବଶ୍ୟକ । ଆମ ସରକାର ଏକ ଅବାଧ ଓ ମୁକ୍ତ ବଜାର ବ୍ୟବସ୍ଥା ପାଇଁ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଇତି  ମଧ୍ୟରେ ଫଳ ଓ ପନିପରିବା ଉପରେ ବଜାର ମାସୁଲ ଛାଡ କରାଯାଇଛି ।

**ଶସ୍ୟ ଶୁଖାଇବା ପାଇଁ କଂକ୍ରୀଟ ପ୍ଲାଟଫର୍ମ ଏବଂ ଅମଳ ପାଇଁ ଚଟାଣ** (Construction of Concrete Drying Platform and Threshing Floor)

37. ଧାନ ଅମଳ ଏବେ ଯନ୍ତ୍ରଦ୍ୱାରା ହେଉଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ଅମଳ ଓ ଶୁଖାଇବାପାଇଁ ଆବଶ୍ୟକୀୟ ଜାଗା ପାଉନାହାନ୍ତି । ଆମେ ସେଥିପାଇଁ ଧାନ ଅମଳ ଏବଂ ଶୁଖାଇବା ପାଇଁ କଂକ୍ରିଟ ପ୍ଲାଟଫର୍ମ ତଥା ଚଟାଣ ନିର୍ମାଣ ନିମନ୍ତେ  ପ୍ରସ୍ତାବ ରଖୁଛୁ । ଏଥିପାଇଁ ଆବଶ୍ୟକ ହେଉଥିବା ଅର୍ଥ କୃଷି ବିଭାଗ ବଜେଟ ଓ ଓଡିଶା ରାଜ୍ୟ କୃଷି ବିପଣନ ବୋର୍ଡ ବଜେଟ୍‌ରୁ ଭରଣା କରାଯିବ । ସାରା ରାଜ୍ୟରେ ଆଗାମୀ 3 ବର୍ଷ ମଧ୍ୟରେ 5 ହଜାର ଅତିରିକ୍ତ କଂକ୍ରିଟ ଚଟାଣ ନିର୍ମାଣ କରାଯିବ ।  ଏହି ଚଟାଣ ନିର୍ମାଣ ପାଇଁ **300 କୋଟି ଟଙ୍କା**ର ବ୍ୟୟବରାଦର ଆବଶ୍ୟକତା ଅଛି ।

## ମାର୍କଫେଡ ପାଇଁ କର୍ପସ ପାଣ୍ଠି

**38.** ରାଜ୍ୟ ସରକାରଙ୍କ ସଂସ୍ଥା ଓଡିଶା ରାଜ୍ୟ ସମବାୟ ମହାସଙ୍ଘ ଲିଃ ଭୁବନେଶ୍ୱର (MARKFED) ଉପରେ ଚାଷୀଙ୍କ ଠାରୁ ଉତ୍ପାଦିତ ଦ୍ରବ୍ୟ କ୍ରୟ କରିବା ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଅଣ ଧାନ ଶସ୍ୟ ଯଥା ତୈଳବୀଜ ଏବଂ ଡାଲି ଜାତୀୟ ଶସ୍ୟ ଚାଷୀଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରିବାପାଇଁ ଓଡିଶା ରାଜ୍ୟ ସମବାୟ ମହାସଙ୍ଘ ଲିଃ ଭୁବନେଶ୍ୱର (MARKFED) କୁ **100 କୋଟି ଟଙ୍କା** ବିନା ସୁଧରେ ସ୍ୱଳ୍ପ ମିଆଦି ଋଣ ଯୋଗାଇ ଦିଆଯିବ । ଏହା ଏସ୍କ୍ରୋ ଆକାଉଣ୍ଟ ଜରିଆରେ କାର୍ଯ୍ୟକାରୀ ହେବ । ଏହାଦ୍ୱାରା ଚାଷୀ ଉତ୍ପାଦନର ଲାଭଜନକ ମୂଲ୍ୟ ପାଇପାରିବା ସଂଗେସଂଗେ ମଧ୍ୟସ୍ଥିଙ୍କ ଶୋଷଣରୁ ମୁକ୍ତ ହେବେ ।

## ଜଳ ସମ୍ପଦ ବିଭାଗ

## ଜଳ ସେଚନ ଓ କୃଷି

**39.** କୃଷିର ଉନ୍ନତି ଓ କୃଷି ଉତ୍ପାଦିକତା  ଜଳସେଚନ କ୍ଷେତ୍ରର ବିକାଶ ସହିତ ଅଙ୍ଗାଅଙ୍ଗୀ ଭାବେ ଜଡିତ । ଅନୁରୂପ ଜଳସେଚନ ସାମର୍ଥ୍ୟ ଏବଂ ସିମୀତ ଜଳସମ୍ପଦର ସଂରକ୍ଷଣବିନା ସଘନ କୃଷି ବିଷୟରେ ଚିନ୍ତାକରି ହେବ ନାହିଁ । ଏଥିପାଇଁ ଅଧିକ ପୁଞ୍ଜି ବିନିଯୋଗର ଆବଶ୍ୟକତା ଅଛି  । କୃଷି ଉତ୍ପାଦିକା ବୃଦ୍ଧି ଏବଂ ଖାଦ୍ୟ ନିରାପତ୍ତା ଯୋଗାଇଦେବା ଲକ୍ଷ୍ୟରେ ଆମ ସରକାର ଜଳସେଚନର ବ୍ୟାପକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । 2019 ମସିହା ସୁଦ୍ଧା ଆମେ ଅନ୍ତତଃ 10 ଲକ୍ଷ ହେକ୍ଟର ଅତିରିକ୍ତ କୃଷି ଜମିକୁ ଜଳସେଚିତ କରିପାରିବୁ ବୋଲି ଯୋଜନା ରଖିଛୁ ।

ଆମେ କେବଳ ଅତିରିକ୍ତ ଆବଶ୍ୟକତା ପାଇଁ ନୂତନ ଯୋଜନା ପ୍ରଣୟନ କରୁନାହୁଁ ବରଂ ଜଳସମ୍ପଦର ସୁବିନିଯୋଗ ପାଇଁ ଚାଲୁରହିଥିବା ପ୍ରକଳ୍ପର ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରୁଛୁ । ଆମେ ନୂଆ, ବୃହତ, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ହାତକୁ ନେଇଛୁ । ଏଇ କେଇ ବର୍ଷ ହେଲା କମ୍ ସମୟରେ କାର୍ଯ୍ୟକ୍ଷମ ହେଉଥିବା ଜଳସେଚନ ପ୍ରକଳ୍ପ ହାତକୁ ନେଇଛୁ ଏବଂ ଏହାର ସୁଫଳ ମଧ୍ୟ ମିଳିସାରିଲାଣି ।

## ବଜେଟ୍ ଅଟକଳ

**40.** କୃଷି କ୍ଷେତ୍ରେରେ ମୁଖ୍ୟତଃ ଜଳସେଚନ ଭିତ୍ତିଭୂମି ନିର୍ମାଣ ଓ ପରିଚାଳନା ନିମନ୍ତେ ସରକାରୀ ପୁଞ୍ଜି ନିବେଶ କରାଯାଉଛି । 2014-15 ଆର୍ଥିକ ବର୍ଷରେ ଜଳସମ୍ପଦ ବିଭାଗ ପାଇଁ ବଜେଟ୍ ମୋଟ ଅଟକଳ **5087.69 କୋଟି ଟଙ୍କା** ଥିବାବେଳେ 2015-16 ଆର୍ଥିକ ବର୍ଷରେ ଏହା **6212.15 କୋଟି ଟଙ୍କା**କୁ ବୃଦ୍ଧି ପାଇଛି । ଅଣଯୋଜନା କ୍ଷେତ୍ରରେ ବ୍ୟୟ ଅଟକଳ 2014-15 ଆର୍ଥିକ ବର୍ଷରେ **1147.81 କୋଟି ଟଙ୍କା** ଥିଲା ବେଳେ 2015-16 ଆର୍ଥିକ ବର୍ଷରେ ଏହା **1254.97 କୋଟି ଟଙ୍କା**କୁ ବୃଦ୍ଧି ପାଇଛି । ରାଜ୍ୟ ଯୋଜନା ଅଟକଳ 2014-15 ରେ **3939.88 କୋଟି ଟଙ୍କା** ଥିବା ବେଳେ 2015-16 ଆର୍ଥିକ ବର୍ଷରେ ଏହା **4957.18 କୋଟି ଟଙ୍କା** ବୃଦ୍ଧି ପାଇଛି । ଏହି ବୃଦ୍ଧିର ପରିମାଣ ପ୍ରାୟ 26 ପ୍ରତିଶତ ଅଟେ ।

ଅଣ ଯୋଜନା କ୍ଷେତ୍ରରେ **1254.97 କୋଟି ଟଙ୍କା** ବ୍ୟୟଅଟକଳ ମୁଖ୍ୟତଃ ପ୍ରତିଷ୍ଠାନ ଏବଂ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ।

2015-16 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଟକଳ ପାଇଁ ଉଦ୍ଦିଷ୍ଟ **4957.18 କୋଟି ଟଙ୍କା**, ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର ଉନ୍ନତିକରଣ, ବନ୍ୟା ନିୟନ୍ତ୍ରଣ, ଜଳ ନିଷ୍କାଷନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ, ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ କରାଯିବ ।

## ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ

**41.** ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ବିସ୍ତୃତ ଅଞ୍ଚଳର ଜଳସେଚନ ଆବଶ୍ୟକତାକୁ ପୂରଣ କରିବା ସଙ୍ଗେସଙ୍ଗେ ବନ୍ୟା ନିୟନ୍ତ୍ରଣରେ ମଧ୍ୟ ସାହାଯ୍ୟ କରେ । ନୂତନ ଜଳସେଚନ ପ୍ରକଳ୍ପ ନିର୍ମାଣ ଏବଂ ଚାଲୁଥିବା ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର ପୁନଃର୍ବିନ୍ୟାଶ, ଆଧୁନିକୀକରଣ ଓ ସୁଦୃଢ଼ୀକରଣ ପାଇଁ ବହିଃ ସାହାଯ୍ୟପ୍ରାପ୍ତ ସଂସ୍ଥା ଯଥା ବିଶ୍ୱ ବ୍ୟାଙ୍କ, ଜାଇକା (JICA), ଏସୀୟ ଉନ୍ନୟନ ବ୍ୟାଙ୍କ (ADB) ଏବଂ ଭାରତ ସରକାରଙ୍କର ତ୍ୱରିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ (AIBP), ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କର ଗ୍ରାମ୍ୟ ଉନ୍ନୟନ ଭିତ୍ତିଭୂମି ପାଣ୍ଠି ଜରିଆରେ ଓ ରାଜ୍ୟ ନିଜ ଯୋଜନା ପାଇଁ ଉଦ୍ଦିଷ୍ଟ ଅର୍ଥରୁ କାର୍ଯ୍ୟକାରୀ ହେଉଛି । ବୃହତ ଓ ମଧ୍ୟମ ଜଳସେଚନ କ୍ଷେତ୍ରରେ **2229.00 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ଅଛି । ତ୍ୱରିତ ଜଳସେଚନ ସୁବିଧା ଯୋଜନା ଅନ୍ତର୍ଗତ ପ୍ରକଳ୍ପ ପାଇଁ **1317 କୋଟି ଟଙ୍କା**, ନାର୍ବାଡ ସହାୟତା ପ୍ରାପ୍ତ ପ୍ରକଳ୍ପ ପାଇଁ **142 କୋଟି ଟଙ୍କା**, ବହିଃ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ପାଇଁ **438 କୋଟି** ଏବଂ ଆଡିବନ୍ଧ ନିର୍ମାଣ ପାଇଁ **31 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ଅଛି । ତ୍ୱରିତ ଜଳସେଚନ ସୁବିଧା ଯୋଜନାରୁ ଭାରତ ସରକାରଙ୍କ ଠାରୁ ମିଳୁଥିବା ଅର୍ଥର ପରିମାଣ କମ୍ ଥିବାରୁ

ଆମେ ମଞ୍ଜୁର ହୋଇଥିବା ପ୍ରକଳ୍ପ ପାଇଁ ନିଜ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ନିର୍ମାଣ କାର୍ଯ୍ୟ କୁ ଆଗେଇ ନେଉଛୁ ।

## ଜଳ କ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ

42. ଶେଷ ପର୍ଯ୍ୟାୟରେ ପହଁଞ୍ଚିଥିବା ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା, ବିଭିନ୍ନ ସୂତ୍ରରୁ ଆର୍ଥିକ ସହାୟତା ଆଣିବା ପାଇଁ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି, ନୂଆ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟାରମ୍ଭ ପାଇଁ 2014-15 ଆର୍ଥିକ ବର୍ଷରୁ ଏହି ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ 5 ବର୍ଷ ମଧ୍ୟରେ **1000 କୋଟି ଟଙ୍କା** ବ୍ୟୟ ହେବବୋଲି ଅଟକଳ କରାଯାଇଛି । 2015-16 ଆର୍ଥିକ ବର୍ଷରେ ଏଥିରେ **100 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ଅଛି ।

## କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

43. କ୍ଷୁଦ୍ର ଜଳସେଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ସ୍ୱଳ୍ପ ସମୟ ମଧ୍ୟରେ ଓ ଅଳ୍ପ ଖର୍ଚ୍ଚରେ ବହୁ ଚାଷୀଙ୍କର ଆବଶ୍ୟକତାକୁ ପୂରଣ କରିଥାଏ । ଅଧିକନ୍ତୁ ଏହା ଦୁର୍ଗମ ଅଞ୍ଚଳରେ କାର୍ଯ୍ୟକାରୀ ହୋଇପାରିବ । କ୍ଷୁଦ୍ର ଜଳସେଚନ କାର୍ଯ୍ୟର ଉନ୍ନତି ପାଇଁ 2015-16 ଆର୍ଥିକ ବର୍ଷରେ **961 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଅଛି ।

କ୍ଷୁଦ୍ର ଜଳସେଚନ ସଂସ୍ଥା ବ୍ୟାରେଜ ଓ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ହାତକୁ ନେଇଛି । ଏହା ବର୍ଷା ଋତୁପରେ ଘରୋଇ ଆବଶ୍ୟକତା ପାଇଁ ଜଳ ସଂରକ୍ଷଣ, ଭୂତଳ ଜଳର ପୂନଃ ଭରଣା ଏବଂ ଅନ୍ୟାନ୍ୟ ଜଳ

ସେଚନ କାର୍ଯ୍ୟପାଇଁ ଉଦ୍ଦିଷ୍ଟ । ଆମେ ଏଥିପାଇଁ **212 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖିଛୁ ।

କ୍ଷୁଦ୍ର ଜଳଭଣ୍ଡାରର ମରାମତି, ପୂର୍ନବିନ୍ୟାସ ଏବଂ ଥଇଥାନ ପାଇଁ **285 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହାଦ୍ୱାରା ଜଳ ସେଚନ ସାମର୍ଥ୍ୟର ଦୃଢୀକରଣ ହେବ । କ୍ଷୁଦ୍ର ଜଳଭଣ୍ଡାର ମାନଙ୍କ ସହିତ ସଂଯୁକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ । କ୍ଷୁଦ୍ର ଜଳସେଚନ ଶାଖାଦ୍ୱାରା ବିଜୁ କୃଷକ ଯୋଜନାରେ ହିତାଧିକାରୀଙ୍କର 10 ରୁ 20 ପ୍ରତିଶତ ଆର୍ଥିକ ସହଯୋଗିତାରେ କାର୍ଯ୍ୟକାରୀ ହେଉଛି । ଏଥିପାଇଁ 2015-16 ଆର୍ଥିକ ବର୍ଷରେ **148 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଓଡିଶା ଗୋଷ୍ଠୀ ପୋଖରୀ ପରିଚାଳନା କାର୍ଯ୍ୟକ୍ରମ (Odisha Community Tank Management Programme) ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଛି ଏବଂ ଏଥିପାଇଁ **120 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି । ତ୍ୱରିତ ଜଳସେଚନ ସୁବିଧା ଯୋଜନା (AIBP) ଏବଂ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ଜରିଆରେ ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜ ଯୋଜନା ପାଣ୍ଠିରୁ **85 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଅଛି।

## ବୃହତ ଉଠା ଜଳସେଚନ ପ୍ରକଳ୍ପ

**44.** ମାଳଭୂମିରେ ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହାର ସେଚ ଅଞ୍ଚଳର 500 ହେକ୍ଟର ଠାରୁ 2000 ହେକ୍ଟର ପର୍ଯ୍ୟନ୍ତ ଅଟେ ।

ପନ୍ଦରଟି Cluster ରେ ଏଥିପାଇଁ 174 ଗୋଟି ପ୍ରକଳ୍ପ ଚିହ୍ନଟ ହୋଇଛି । ଏତଦ୍‌ବ୍ୟତୀତ ଅପର ଇନ୍ଦ୍ରାବତୀ ଉଠା କେନାଲକୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୂକ୍ତ କରାଯାଇଛି । ଏହି ପ୍ରକଳ୍ପ Turn-Key ଚୁକ୍ତିରେ EPC ଆଧାରରେ କାର୍ଯ୍ୟକାରୀ ହେଉଛି । ଏଥିପାଇଁ **673 କୋଟି ଟଙ୍କା** ବ୍ୟୟ ଅଟକଳର ପ୍ରସ୍ତାବ ରଖାଯାଇଛି (ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି **375 କୋଟି ଟଙ୍କା**, ରାଜ୍ୟ ପାଣ୍ଠି **298 କୋଟି ଟଙ୍କା**) ।

**ଅଚଳ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର**

**45.** ରାଜ୍ୟରେ ଅଚଳ ହୋଇଯାଇଥିବା ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷ୍ୟମ କରିବାପାଇଁ **50 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ**

**46.** ବର୍ଷା ଋତୁରେ ପ୍ରାୟ ପ୍ରତି ବର୍ଷ ଅନ୍ତରରେ ରାଜ୍ୟର ବିସ୍ତୃତ ଅଞ୍ଚଳ ବନ୍ୟାଦ୍ୱାରା ପ୍ରଭାବିତ ହେଉଛି । ବନ୍ୟା କେବଳ ଶସ୍ୟର କ୍ଷତି କରେନାହିଁ ଏହା ଜୀବନ ଏବଂ ସମ୍ପତ୍ତି ପାଇଁ ମଧ୍ୟ ବିପଦ ସୃଷ୍ଟି କରିଥାଏ । ଆମେ ଏହି ବନ୍ୟା ସମସ୍ୟାକୁ ପରିଚାଳନା ଓ ପ୍ରଶମିତ କରିବାପାଇଁ ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ, ନଦୀବନ୍ଧ ସୁରକ୍ଷା ସାମୁଦ୍ରିକ ଅବକ୍ଷୟ ପ୍ରତିରୋଧ ଏବଂ ନଦୀମୁହାଣ ସଫେଇ ଇତ୍ୟାଦି ଆବଶ୍ୟକ । ଏତଦବ୍ୟତୀତ ଉପକୂଳବର୍ତ୍ତୀ ଅଞ୍ଚଳର ଜଳ ନିଷ୍କାସନ ଜନିତ ସମସ୍ୟାକୁ ପ୍ରତିହତ କରିବାକୁ ହେବ ।

**ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନରେ ନିମ୍ନଲିଖିତ ବୃହତ କାର୍ଯ୍ୟପାଇଁ ବ୍ୟୟବରାଦ ଏହିପରି ଅଟେ -**

47. ବନ୍ୟା ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ନିମନ୍ତେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ ଏବଂ ନିଜ ସମ୍ବଳରୁ **579.54 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଜଳ ନିଷ୍କାସନ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ନିମନ୍ତେ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଏବଂ ନିଜ ସମ୍ବଳରୁ **202.45 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି । ଏଥିରୁ ଜଳ ନିଷ୍କାସନ ଉନ୍ନତି ଯୋଜନା ନିମନ୍ତେ **159.81 କୋଟି ଟଙ୍କା** ଉଦ୍ଦିଷ୍ଟ । ଏହି ବ୍ୟୟବରାଦରୁ **15 କୋଟି ଟଙ୍କା**, ସମ୍ବଲପୁର ସହରରେ ଜଳ ନିଷ୍କାସନ ସୁବିଧାର ଉନ୍ନତିକରଣ ଏବଂ **25 କୋଟି ଟଙ୍କା**, ରାଜ୍ୟର ନଗରାଞ୍ଚଳରେ ଜଳାଶୟର ପୁର୍ନବିନ୍ୟାସ ପାଇଁ ଉଦ୍ଦିଷ୍ଟ । ଏହି ଯୋଜନା **1000 କୋଟି ଟଙ୍କା** ବିନିଯୋଗରେ 5 ବର୍ଷ ପାଇଁ ଜଳ ନିଷ୍କାସନ ଏବଂ ଜଳ ଜମୁଥିବା ସମସ୍ୟାକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ ।

**ଜଳ ସଂରକ୍ଷଣ ଏବଂ ଜଳର ସୁବିନିଯୋଗ**

48. ଜଳ ସଂରକ୍ଷଣ ଓ ଜଳର ସୁବିନିଯୋଗ ଜଳସେଚନ ସାମର୍ଥ୍ୟ ସୃଷ୍ଟି ପରି ଗୁରୁତ୍ୱ ବହନ କରେ । ଆମେ ଜଳ ସମ୍ପଦର ଉପଯୋଗ ଦକ୍ଷତା ବୃଦ୍ଧି ପାଇଁ ଅନେକ ଗୁଡିଏ ଯୋଜନା କାର୍ଯ୍ୟକାରୀ କରୁଛୁ ।

**ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ**

49. ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ କ୍ଷୁଦ୍ର କ୍ଷେତ୍ର ପ୍ରଣାଳୀ ନିର୍ମାଣ କରାଯାଇ ବ୍ୟକ୍ତିଗତ ଜମିକୁ ଜଳ ଯୋଗାଇ ଦିଆଯାଉଛି । ଏହି ଫଳପ୍ରଦ ଜଳସେଚନ ପରିଚାଳନା ମାଧ୍ୟମରେ ସୃଷ୍ଟି କରାଯାଇଥିବା ଜଳସେଚନସାମର୍ଥ୍ୟର ଉନ୍ନତିକରଣ କରାଯାଉଛି ଯାହା ଫଳରେ କୃଷି

ଉତ୍ପାଦନ ବୃଦ୍ଧି  ପାଇବ । ଭାରତ ସରକାରଙ୍କ ଆର୍ଥିକ ସହାୟତା ଓ ଆନୁପାତିକ ରାଜ୍ୟ ଅଂଶକୁ ନେଇ 2015-16 ଆର୍ଥିକ ବର୍ଷରେ **279.39 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

## ନଗରାଞ୍ଚଳରେ ଥିବା ଗୃହର ଛାତ ଉପର ବର୍ଷା ଜଳର ସଂରକ୍ଷଣ ଓ ଭୂତଳ ଜଳର କ୍ଷମତା ବୃଦ୍ଧି

**50.** ଜଳର ସିମୀତ ଉପଲବ୍ଧିକୁ ଆଖିଆଗରେ ରଖି ଏହାକୁ ସଂରକ୍ଷଣ  କରି ରଖିବା ଉଚିତ୍ । ଆମେ ଏଥି ପାଇଁ ନଗରାଞ୍ଚଳରେ ଥିବା ଗୃହର ଛାତ ଉପର ବର୍ଷା ଜଳର ସଂରକ୍ଷଣ ଓ ଭୂତଳ ଜଳର କ୍ଷମତା ବୃଦ୍ଧି ଉପରେ ଏକ ଯୋଜନା ପ୍ରଣୟନ କରିଛୁ । ନଗରାଞ୍ଚଳଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରି ସେମାନଙ୍କର ଦୈନନ୍ଦିନ ଚାହିଦା ପୂରଣ ନିମନ୍ତେ ଜଳର ସଂରକ୍ଷଣ ଓ ଭୂତଳ ଜଳର କ୍ଷମତା ବୃଦ୍ଧି ଅପରିହାର୍ଯ୍ୟ । ଏହି ଯୋଜନାରେ 2019 ମସିହା ପର୍ଯ୍ୟନ୍ତ 5 ବର୍ଷ ପାଇଁ **100 କୋଟି ଟଙ୍କା** ଖର୍ଚ୍ଚ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଏଥିରେ ସରକାରୀ ଅଟ୍ଟାଳିକାକୁ ଅନ୍ତର୍ଭୁକ୍ତ କରାଯିବ । ଏତଦ୍‌ବ୍ୟତିତ ଯୋଗ୍ୟ ବିବେଚିତ ଘରୋଇ ଅଟ୍ଟାଳିକାକୁ ଏହି ଯୋଜନାରେ ସାମିଲ କରାଯିବ । ଏଥିପାଇଁ ହେଉଥିବା ବାସ୍ତବ ଖର୍ଚ୍ଚର 50 ପ୍ରତିଶତ ଆର୍ଥିକ ପ୍ରୋତ୍ସାହନ ଭାବେ ପ୍ରଦାନ କରିଯିବ କିନ୍ତୁ ଏହାର ସର୍ବୋଚ୍ଚ ସୀମା 45 ହଜାର ଟଙ୍କା ଅଟେ ।  ଏହି  ଯୋଜନା ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ବ୍ରହ୍ମପୁର, ଝାରସୁଗୁଡା, ବଲାଙ୍ଗିର ଏବଂ ଟିଟିଲାଗଡରେ କାର୍ଯ୍ୟକାରୀ ହେବ । ଏଥିପାଇଁ 2015-16 ବଜେଟ୍‌ରେ **7 କୋଟି ଟଙ୍କା**ର ବ୍ୟୟବରାଦ ରଖାଯାଇଛି ।

## କେନାଲ ଲାଇନିଙ୍ଗ୍ ଏବଂ ବ୍ୟବସ୍ଥାର ପୁନରୁଦ୍ଧାର କାର୍ଯ୍ୟକ୍ରମ

**51.** କେନାଲ ଲାଇନିଙ୍ଗ୍ ଏବଂ ବ୍ୟବସ୍ଥାର ପୁନରୁଦ୍ଧାର କାର୍ଯ୍ୟକ୍ରମ କେନାଲରେ ଜଳ ଉପଯୋଗୋ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରେ । 2015-16 ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ନିମନ୍ତେ **100 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ନଦୀ ଓ କେନାଲବନ୍ଧକୁ ଉନ୍ନତ ରାସ୍ତା ସଂଯୋଗୀ କରଣ

**52.** ନଦୀ ଓ କେନାଲ ବନ୍ଧ ଉପକୂଳ ଅଞ୍ଚଳରେ ଯୋଗାଯୋଗର ସୁବିଧା ସୃଷ୍ଟି କରିଛି । ଯେଉଁ ନଦୀ ବନ୍ଧ ଏବଂ କେନାଲ ରାସ୍ତାରେ ଅଧିକ ଯାନବାହାନ ଚଳାଚଳ କରୁଛି ସେଗୁଡ଼ିକର ଉନ୍ନତି ପାଇଁ ଜଳସେଚନ ବିଭାଗ "ରାସ୍ତା ନିର୍ମାଣ ଏବଂ ଉନ୍ନୟନ ଯୋଜନା" 2014-15 ମସିହାରୁ କାର୍ଯ୍ୟକାରୀ ହେଲାଣି । ଏହା ଆଭ୍ୟନ୍ତରୀଣ କେନ୍ଦ୍ର ଏବଂ ବିପଣନ କ୍ଷେତ୍ରକୁ ସଂଯୋଗୀକରଣ କରିବ । 5 ବର୍ଷ ପାଇଁ ଏ ଯୋଜନାରେ **500 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଅଛି । 2015-16 ଆର୍ଥିକ ବର୍ଷ ପାଇଁ **55 କୋଟି ଟଙ୍କା**ର ପ୍ରସ୍ତାବ ରଖାଯାଇଛି ।

## ଉପସଂହାର

ମୁଁ ଏହି ପବିତ୍ର ଗୃହରେ ତୃତୀୟ କୃଷି ବଜେଟ୍ ଆପଣମାନଙ୍କ ଅବଗତି ନିମନ୍ତେ ଉପସ୍ଥାପନ କଲି । ଆସନ୍ତୁ ଆମେ ସମସ୍ତେ ମିଳିମିଶି ଚାଷୀ ଭାଇମାନଙ୍କୁ ସୁଖୀ ରଖିବା ସଙ୍ଗେସଙ୍ଗେ ରାଜ୍ୟରେ ଖାଦ୍ୟ ନିରାପତ୍ତା ସହ ସାମୁହିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ।

ମୁଁ ଏହି ପ୍ରସଙ୍ଗରେ ଅମର କବି ଗଙ୍ଗାଧର ମେହେରଙ୍କର ଉକ୍ତିକୁ ଉଦ୍ଧାର କରୁଛି -

"କୃଷି ତୋର ବେଦରେ କୃଷି ତୋ' ପୁରାଣ
କୃଷି ବିନା ରହି ନ ପାରଇ ପରାଣ
କୃଷି ଘେନି ନୃପତି କୃଷି ଘେନି ସଭ୍ୟ
କୃଷି ବଳେ ଆୟୁ ଶ୍ରୀ ସମ୍ପଦ ସକଳ
ହୁଏ ଲଭ୍ୟ ହେ ।।"

ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ-୧୦ରେ ମୁଦ୍ରିତ